ଶ୍ରୀମତୀ ସୁଜାତା ମୁଖାର୍ଜୀ

ବନାମ

ପ୍ରଶାନ୍ତ କୁମାର ମୁଖାର୍ଜୀ

ଏପ୍ରିଲ 30, 1997

[ଜି. ଏନ. ରେ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973:

ଧାରା 178(c)- ଯୌତୁକ ଦାବି ଏବଂ ଦୁର୍ବ୍ୟବହାର ସକାଶେ ସ୍ୱାମୀ ଏବଂ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କ ବିରୁଦ୍ଧରେ ପତ୍ନୀଙ୍କ ଦ୍ୱାରା ଅଭିଯୋଗ- ରାୟପୁରରେ ଅଭିଯୋଗ ଦାଖଲ- ଅଭିଯୁକ୍ତ ରାୟପୁରର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଯୁକ୍ତି ବାଢ଼ିଥିଲେ ଯେ ରାୟପୁରରେ ମାମଲା ଅନୁରକ୍ଷଣୀୟ ନୁହେଁ କାରଣ ଆରୋପିତ ଅପରାଧଟି ରାୟଗଡ଼ରେ କରାଯାଇଥିଲା -ରାୟପୁରର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ଏହି ମାମଲାକୁ ରାୟପୁରରୁ ରାୟଗଡ଼କୁ ସ୍ଥାନାନ୍ତର କରିବାକୁ ଅମଙ୍ଗ ହେବା- କୁହାଗଲା- ଅଭିଯୋଗ ଅପରାଧ ଚାଲିଥିବାର ପ୍ରକାଶ କରୁଛି- ଧାରା 178 ର ଖଣ୍ଡ (c) ସ୍ୱଷ୍ଟରୂପେ ଆକର୍ଷିତ ହେଉଛି- ଏହି ମାମଲା ସହିତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ, ରାୟପୁର ଆଗେଇବେ ।

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 46/1991

ସିଆରଏଲ ପୁନରୀକ୍ଷଣ ସଂଖ୍ୟା 463/1989 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ତା 31.8.89 ରିଖର ରାୟ ତଥା ଆଦେଶରୁ ।

ଏଥି ସହିତ

ଫୌଜଦାରୀ ଆବେଦନ ସଂଖ୍ୟା 47/1991

ସିଆରଏଲ ପୁନରୀକ୍ଷଣ ସଂଖ୍ୟା 481/1989 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତା 30.8.89 ରିଖର ରାୟ ତଥା ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଏସ. କେ. ଗମ୍ଭୀର ।

ଏମ. ପି. ରାଜ୍ୟ, ପ୍ରତିବାଦୀଙ୍କ ପକ୍ଷରୁ ଅନୁପ ଚୌଧୁରୀ, ସାକେଶ କୁମାର ଏବଂ ଉମା ନାଥ ସିଂହ ।

ପ୍ରତିବାଦୀଙ୍କ ପକ୍ଷରୁ କେ.ଏମ.କେ. ନାୟାର ଏବଂ ଏସ. କେ. ମେହେଟ୍ଟା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଫୌଜଦାରୀ ପୁନରୀକ୍ଷଣ ସଂଖ୍ୟା 481/1989 ଏବଂ ଫୌଜଦାରୀ ପୁନରୀକ୍ଷଣ ସଂଖ୍ୟା 463/89 ର ଫଏସଲା କରି ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ହୋଇଥିବା ତା 31.8.89 ରିଖର ଆଦେଶ ବିରୁଦ୍ଧରେ ଏହି ଦୁଇଟି ଆବେଦନ ନିର୍ଦ୍ଦେଶିତ । ରାୟପୁରରୁ ରାୟଗଡ଼କୁ ମାମଲା ସ୍ଥାନାନ୍ତର କରିବାକୁ ରାୟପୁରର ମାନ୍ୟବର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ପ୍ରତ୍ୟାଖ୍ୟାନ ବିରୁଦ୍ଧରେ ସମସ୍ତ ପାଞ୍ଚ ଜଣ ପ୍ରତିବାଦୀମାନଙ୍କ ଦ୍ୱାରା ଫୌଜଦାରୀ ପୁନରୀକ୍ଷଣ ସଂଖ୍ୟା 481/89 କୁ ଚୟନ କରାଯାଇଥିଲା । ଭାରତୀୟ ଦଣ୍ଡ ସଂହିତାର ଧାରା 498 A ଏବଂ 506 B ଏବଂ 323 ଅଧୀନରେ ଅପରାଧ ପାଇଁ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗରେ ରାୟପୁରର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ କ୍ଷେତ୍ରାଧିକାରିତା ଗ୍ରହଣକୁ ଆପତ୍ତି କରି ଚାରି ଜଣ ପ୍ରତିବାଦୀମାନଙ୍କ ଦ୍ୱାରା ଅପରାଧିକ ପୁନରୀକ୍ଷଣ ସଂଖ୍ୟା 463/89 ରେ ଚୟନ କରାଯାଇଥିଲା । ପ୍ରତିବାଦୀମାନେ ଆବେଦନକାରୀ ସୁଜାତା ମୁଖାର୍ଜୀଙ୍କ ସ୍ୱାମୀ, ଶାଶୁଶ୍ୱଶୁର ଏବଂ ଦୁଇ ଯାଆ/ନଣନ୍ଦ ଅଟନ୍ତି । ଆବେଦନକାରୀ ସୁଜାତା ମୁଖାର୍ଜୀଙ୍କ ଅଭିଯୋଗର ସାରାଂଶ ଏହିକି ଯେ ଯୌତୁକ ଦାବି ହେତୁ ତାଙ୍କୁ କେବଳ ରାୟଗଡ଼ର ଶ୍ୱଶୁର ଘରେ ଦୁର୍ବ୍ୟବହାର ଏବଂ ଅପମାନିତ କରାଯାଇଥିଲା ତାହା ନୁହେଁ, ବରଂ ଏହିପରି ଘଟଣାର ପରିଣାମସ୍ୱରୂପ ଆବେଦନକାରୀଙ୍କ ସ୍ୱାମୀ ମଧ୍ୟ ରାୟପୁରରେ ତାଙ୍କ ପିତାମାତାଙ୍କ ଘରକୁ ଆସିଥିଲେ ଏବଂ ତାଙ୍କୁ ଆକ୍ରମଣ ମଧ୍ୟ କରିଥିଲେ ।

ପ୍ରତିବାଦୀମାନେ ରାୟପୁରର ମାନ୍ୟବର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଯୁକ୍ତି କରିଥିଲେ ଯେ ଉକ୍ତ ମାନ୍ୟବର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଫୌଜଦାରୀ ମାମଲା ଅନୁରକ୍ଷଣୀୟ ନୁହେଁ ଯେହେତୁ ବାଦର କାରଣ କେବଳ ରାୟଗଡ଼ରେ ଘଟିଥିଲା ଯାହା ରାୟପୁରର ମାନ୍ୟବର ମାଜିଷ୍ଟ୍ରେଟଙ୍କ ଆଞ୍ଚଳିକ କ୍ଷେତ୍ରାଧିକାରିତାର ବାହାରେ ଥିଲା । ଶ୍ରୀମତୀ ମୁଖାର୍ଜୀଙ୍କ ଉକ୍ତ ଅଭିଯୋଗକୁ ଗ୍ରହଣ କରି ମାନ୍ୟବର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଜାରି କରାଯାଇଥିବା ସମନକୁ ରଦ୍ଦ କରିବାକୁ ମଧ୍ୟ ଏକ ପ୍ରାର୍ଥନା କରାଯାଇଥିଲା । ଯେହେତୁ ସମନକୁ ରଦ୍ଦ କରିବାକୁ କିମ୍ବା ରାୟଗଡ଼ର ସକ୍ଷମ ନ୍ୟାୟାଳୟ ଫୌଜଦାରୀ ମାମଲାକୁ ସ୍ଥାନାନ୍ତର କରିବାକୁ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ଆଗ୍ରହୀ ନଥିଲେ, ଉପରୋକ୍ତ ଫୌଜଦାରୀ ପୁନରୀକ୍ଷଣ ଆବେଦନଗୁଡ଼ିକ ଦାଖଲ କରାଯାଇଥିଲା; ସମସ୍ତ ପାଞ୍ଚ ଜଣ ପ୍ରତିବାଦୀଙ୍କ ଦ୍ୱାରା ଗୋଟିଏ ଏବଂ ସ୍ୱାମୀଙ୍କୁ ବାଦ ଦେଇ ଅନ୍ୟ ଚାରି ଜଣ ପ୍ରତିବାଦୀମାନଙ୍କ ଦ୍ୱାରା ଆଉ ଗୋଟିଏ, ସମ୍ଭବତଃ ଏଥିପାଇଁ ଯେ ସ୍ୱାମୀଙ୍କ ବିରୁଦ୍ଧରେ ନିର୍ଦ୍ଦିଷ୍ଟ ଅଭିଯୋଗ ଥିଲା ଯେ ସ୍ୱାମୀ ରାୟପୁର ମଧ୍ୟ ଯାଇଥିଲେ ଏବଂ ଆବେଦନକାରୀଙ୍କୁ ଆକ୍ରମଣ କରିଥିଲେ ଏବଂ ଏହିପରି ସ୍ୱାମୀ ଆଞ୍ଚଳିକ କ୍ଷେତ୍ରାଧିକାରିତାର ଅଭାବ ଥିବାର ନିବେଦନ କରିପାରିନଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ତା 31.8.89 ରିଖରେ ଏକ ସାଧାରଣ ଆଦେଶ ଦ୍ୱାରା ଉକ୍ତ ଫୌଜଦାରୀ ପୁନରୀକ୍ଷଣ ମାମଲାଦ୍ୱୟର ଫଏସଲା କରାଯାଇଛି । ଉଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି ଯେ ସ୍ୱାମୀଙ୍କ ବିରୁଦ୍ଧରେ ଅଭିଯୋଗ ଛଡ଼ା, ଅନ୍ୟ ପ୍ରତିବାଦୀମାନଙ୍କ ବିରୁଦ୍ଧରେ କରିଥିବା ଅଭିଯୋଗ ରାୟଗଡ଼ରେ ଘଟିଥିବା ଘଟଣା ସହିତ ସମ୍ପୃକ୍ତ । ତେଣୁ, ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ଆଧାରରେ ରାୟପୁରରେ ଉକ୍ତ ଅନ୍ୟ ପ୍ରତିବାଦୀମାନଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ଅନୁରକ୍ଷଣୀୟ ନଥିଲା, କିନ୍ତୁ ଆବେଦନକାରୀଙ୍କ ସ୍ୱାମୀ, ଅର୍ଥାତ୍ ଶ୍ରୀ ଏସ. ଏସ. ମୁଖାର୍ଜୀଙ୍କ ସଂକ୍ରାନ୍ତରେ ଏପରି ମାମଲା ଅନୁରକ୍ଷଣୀୟ ଥିଲା ।

ଏହି ଆବେଦନଗୁଡ଼ିକର ଶୁଣାଣୀ ସମୟରେ, ଆବେଦନକାରୀଙ୍କ ପକ୍ଷରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ଶ୍ରୀ ଗମ୍ଭୀରଉପସ୍ଥାପନ କରିଛନ୍ତି ଯେ ଅଭିଯୋଗରୁ ଏହା ସ୍ପଷ୍ଟ ହେବ ଯେ ଆବେଦନକାରୀ ଆରୋପ କରିଛନ୍ତି ଯେ ତାଙ୍କ ସହ  ରାୟଗଡ଼ ଏବଂ ରାୟପୁରରେ ମଧ୍ୟ କ୍ରମାଗତ ଭାବରେ ନିଷ୍ଠୁର ବ୍ୟବହାର କରାଯାଇଥିଲା ଏବଂ ରାୟପୁରରେ ଘଟିଥିବା ଘଟଣା ଏକ ପୃଥକ ଘଟଣା ନୁହେଁ, ବରଂ ରାୟଗଡ଼ରେ ଘଟିଥିବା ଘଟଣାକ୍ରମର ପରିଣାମସ୍ୱରୂପ । ତେଣୁ, ଉଚ୍ଚ ନ୍ୟାୟାଳୟ ଅଭିଯୋଗର ପରିସରକୁ ମୂଲ୍ୟାୟନ କରିବାରେ ଭୁଲ୍ କରିଥିଲେ ଏବଂ ରାୟଗଡ଼ରେ ଅନେକ କିଛି ପୃଥକ ଘଟଣାମାନ ଘଟିଛି ଏବଂ ରାୟପୁରରେ ଗୋଟିଏ ପୃଥକ ଘଟଣା ଘଟିଛି ବୋଲି ଭିତ୍ତି କରି ଅଗ୍ରସର ହୋଇଥିଲେ । ତେଣୁ, ରାୟପୁରର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ନ୍ୟାୟାଳୟରେ ଦାଖଲ ହୋଇଥିବା ଫୌଜଦାରୀ ମାମଲା କେବଳ ପ୍ରତିବାଦୀ-ସ୍ୱାମୀଙ୍କ ବିରୁଦ୍ଧରେ ଅନୁରକ୍ଷଣୀୟ ଥିଲା, ଯାହାଙ୍କ ବିରୁଦ୍ଧରେ ରାୟପୁରରେ କିଛି ପ୍ରକାଶ୍ୟରୂପେ କାର୍ଯ୍ୟ କରିଥିବାର ଆରୋପ କରାଯାଇଥିଲା । କିନ୍ତୁ ଏପରି ମାମଲା ଅନ୍ୟ ପ୍ରତିବାଦୀମାନଙ୍କ ବିରୁଦ୍ଧରେ ଅନୁରକ୍ଷଣୀୟ  ନଥିଲା ।

ଏହି ପରିପ୍ରେକ୍ଷୀରେ, ଶ୍ରୀ ଗମ୍ଭୀର ଧାରା 178 ର ବିଶେଷ ଖଣ୍ଡ (b) ଏବଂ (c) ରେ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 178 ପ୍ରତି ଆମ୍ଭର ଦୃଷ୍ଟି ଆକର୍ଷଣ କରିଛନ୍ତି । ଖଣ୍ଡ (b) ରେ ପରିକଳ୍ପନା କରାଯାଇଛି ଯେ "ଯେଉଁଠାରେ  ଏକ ଅପରାଧ ଆଂଶିକ ଭାବରେ ଗୋଟିଏ ସ୍ଥାନୀୟ ଅଞ୍ଚଳରେ ଏବଂ ଆଂଶିକ ଭାବରେ ଅନ୍ୟ ଏକ ଅଞ୍ଚଳରେ ସଂଘଟିତ ହୁଏ" ଏତାଦୃଶ ଅପରାଧ ଏ'ପରି କୌଣସି ସ୍ଥାନୀୟ ଅଞ୍ଚଳ ଉପରେ କ୍ଷେତ୍ରାଧିକାରିତା ରଖିଥିବା ନ୍ୟାୟାଳୟ ଦ୍ୱାରା ବିଚାର କରାଯାଇପାରିବ । ଖଣ୍ଡ (c) ରେ ଉଲ୍ଲେଖ ରହିଛି ଯେ, "ଯେଉଁଠାରେ ଏକ ଅପରାଧ ଚାଲୁ ରହିଥାଏ, ଏବଂ ଅଧିକ ସଂଖ୍ୟକ ସ୍ଥାନୀୟ ଅଞ୍ଚଳଗୁଡ଼ିକରେ ଚାଲିଥାଏ", ତେବେ ସେ'ପରି ଯେକୌଣସି ସ୍ଥାନୀୟ ଅଞ୍ଚଳ ଉପରେ କ୍ଷେତ୍ରାଧିକାର ରଖିଥିବା ନ୍ୟାୟାଳୟ ଦ୍ୱାରା ଏପରି ଅପରାଧର ବିଚାର କରାଯାଇପାରିବ ।

ଶ୍ରୀ ଗମ୍ଭୀର ଉପସ୍ଥାପନ କରିଛନ୍ତି ଯେ ଆବେଦନକାରୀ ସୁଜାତା ମୁଖାର୍ଜୀଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗରେ ଆଂଶିକ ଭାବରେ ଗୋଟିଏ ସ୍ଥାନୀୟ ଅଞ୍ଚଳରେ ଏବଂ ଆଂଶିକ ଭାବରେ ଅନ୍ୟ ଏକ ସ୍ଥାନୀୟ ଅଞ୍ଚଳରେ ଘଟିଥିବା ଅପରାଧ ପ୍ରକାଶ ପାଇଛି । ଏହି ଅଭିଯୋଗରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଏହି ଅପରାଧ ଅଧିକ ସ୍ଥାନୀୟ ଅଞ୍ଚଳଗୁଡ଼ିକରେ ଚାଲୁଥିଲା ଏବଂ ସ୍ଥାନୀୟ ଅଞ୍ଚଳଗୁଡ଼ିକ ମଧ୍ୟରୁ ରାୟପୁର ଗୋଟିଏ ଅଟେ, ରାୟପୁରର ମାନ୍ୟବର ମାଜିଷ୍ଟ୍ରେଟଙ୍କର ଏପରି ନ୍ୟାୟାଳୟରେ ରୁଜୁ କରାଯାଇଥିବା ଫୌଜଦାରୀ ମାମଲା ସହିତ ଆଗେଇବାର କ୍ଷେତ୍ରାଧିକାରିତା ଥିଲା ।

ରାଜ୍ୟ ତରଫରୁ ହାଜର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଅନୁପ ଚୌଧୁରୀ ଦର୍ଶାଇଛନ୍ତି ଯେ ଧାରା  178 ର ଧାରା  (b) କୁ ଆକର୍ଷିତ କରାଯାଇନାହିଁ, କିନ୍ତୁ ଯଦି ଏହି ନ୍ୟାୟାଳୟ ଶ୍ରୀ ଗମ୍ଭୀରଙ୍କ ଏହି ଆବେଦନକୁ ଗ୍ରହଣ କରିବାକୁ ଆଗ୍ରହୀ ହୁଅନ୍ତି ଯେ ଅପରାଧ ଚାଲୁ ରହିଛି ଏବଂ ରାୟପୁରର ଘଟଣା କେବଳ ଅଭିଯୋଗକାରୀଙ୍କ ପ୍ରତି ନିର୍ଯ୍ୟାତନା ଏବଂ ଦୁର୍ବ୍ୟବହାରର କ୍ରମାଗତ ଅପରାଧର ଏକ ଶୃଙ୍ଖଳା ଥିଲା, ତେବେ ଧାରା 178 ର ଧାରା (c) କୁ ଆକର୍ଷିତ କରାଯାଇପାରେ । ଶ୍ରୀ ଚୌଧୁରୀ ଦର୍ଶାଇଛନ୍ତି ଯେ ଅଭିଯୋଗରୁ ଏହା ଯୁକ୍ତିଯୁକ୍ତ ଭାବରେ କୁହାଯାଇପାରିବ ନାହିଁ ଯେ ସମସ୍ତ ଅଭିଯୁକ୍ତ ଆଂଶିକ ଭାବରେ ଗୋଟିଏ ଅଞ୍ଚଳରେ ଏବଂ ଆଂଶିକ ଭାବରେ ଅନ୍ୟ

ସ୍ଥାନୀୟ ଅଞ୍ଚଳରେ ଏହି ଅପରାଧ କରିଛନ୍ତି । ତେଣୁ, ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 178 ର ଖଣ୍ଡ (b) କୁ ଲାଗୁ କରିବା ଉପଯୁକ୍ତ ହେବ ନାହିଁ । ଆମ୍ଭ ମତରେ, ଶ୍ରୀଯୁକ୍ତ ଚୌଧୁରୀଙ୍କ ଏଭଳି ଉପସ୍ଥାପନାରେ ଦମ୍ଭ ଅଛି ।

ବ୍ୟକ୍ତିଗତ ପ୍ରତିବାଦୀମାନଙ୍କ ଉପରେ ନୋଟିସ ଦିଆଯିବା ସତ୍ତ୍ୱେ, ଅଭିଯୁକ୍ତ ପ୍ରତିବାଦୀମାନଙ୍କ ମଧ୍ୟରୁ କାହା ପକ୍ଷରୁ କେହି ହାଜର ହୋଇନାହାଁନ୍ତି । ଆମ୍ଭେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗକୁ ବିଚାରକୁ ନେଇଛୁ ଏବଂ ଏହା ଆମ୍ଭଙ୍କୁ ପ୍ରତୀୟମାନ ହେଉଛି କି ଅଭିଯୋଗଟି ସମସ୍ତ ଅଭିଯୁକ୍ତ-ପ୍ରତିବାଦୀମାନଙ୍କ ହାତରେ ଆବେଦନକାରୀଙ୍କ ପ୍ରତି ଦୁର୍ବ୍ୟବହାର ଏବଂ ଅପମାନର ଏକ ନିରନ୍ତର ଅପରାଧକୁ ପ୍ରକାଶ କରେ ଏବଂ ଏହିପରି କ୍ରମାଗତ ଅପରାଧରେ, କିଛି ସମୟରେ ସମସ୍ତ ପ୍ରତିବାଦୀମାନେ ଅଂଶଗ୍ରହଣ କରିଥିଲେ ଏବଂ ଅନ୍ୟ ସମୟରେ, ପ୍ରତିବାଦୀମାନଙ୍କ ମଧ୍ୟରୁ ଜଣେ ଅଂଶଗ୍ରହଣ କରିଥିଲେ । ସୁତରାଂ, ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 178 ର ଧାରା (c) ସ୍ୱଷ୍ଟ ଭାବରେ ଆକର୍ଷିତ ହେଉଛି । ତେଣୁକରି, ଆମ୍ଭେ ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ଆଦେଶକୁ ରଦ୍ଦ କରିବାପୂର୍ବକ ରାୟପୁରର ମାନ୍ୟବର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କୁ ଫୌଜଦାରୀ ମାମଲା ସହିତ ଆଗେଇବାକୁ ନିର୍ଦ୍ଦେଶ ଦେଉଛୁ । ଯେହେତୁ ଏହି ମାମଲା ଦୀର୍ଘ ଦିନ ଧରି ବିଚାରାଧୀନ ରହିଛି, ତେଣୁ ଶୁଣାଣୀକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯିବା ଉଚିତ । ତଦନୁସାରେ ଆବେଦନଗୁଡ଼ିକୁ ମଞ୍ଜୁରୀ ଦିଆଯାଉଛି ।

ଆର. ପି.

ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।


**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"


**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**